## ସଂକ୍ଷେପରେ

### ମଙ୍ଗଳ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନବରଙ୍ଗପୁର,୧୦।୮ (ବି.ପ୍ର.)-ନବରଙ୍ଗପୁର ଜିଲା ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ନୂତନ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ରାଉତରାୟଙ୍କୁ ସ୍ୱାଗତ କରାଯାଇଛି। ସଂଘ ସଭାପତି ସାଧୁରାମ ଭତରା, ସମ୍ପାଦକ ରଞ୍ଜନ କୁମାର ବେହେରା, ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁବେନ୍ଦୁ ନାଥ ବେହେରା, ଉପଦେଷ୍ଟା ସୁକାନ୍ତ ସ୍ୱାଇଁ, କରୁଣାକର ନାୟକ, ପ୍ରଫୁଲ୍ଲ ସାହୁ, ବଂଶୀ ରଥ, ସୁନୀଲ ମିଶ୍ର, ପ୍ରଶାନ୍ତ ଶତପଥୀଙ୍କ ସମେତ ସଙ୍ଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ମଙ୍ଗଳ ବିଭାଗ କର୍ମଚାରୀଙ୍କ ବକେୟା ଦରମା ସହ ଅନ୍ୟ ସମସ୍ୟା ସମାଧାନ କରାଯିବ ବୋଲି ମଙ୍ଗଳ ଅଧିକାରୀ ରାଉତରାୟ ପ୍ରତିଶ୍ରୁତି ଦେଇଥିଲେ।

### ପାଠାଗାରରେ ଆଲୋଚନାଚକ୍ର



ନବରଙ୍ଗପୁର,୧୦।୮(ବି.ପ୍ର.)- ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଦଳିତ ପଠାଗାରରେ ବିଶ୍ୱ ମୂଳ ନିବାସୀ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତ ମୁକ୍ତି ମୋର୍ଚ୍ଚା ଓଡ଼ିଶା ଉପସଭାପତି ଦୁର୍ଯ୍ୟୋଧନ ଜାଲ ମୁଖ୍ୟ ଅତିଥି, ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଭୁଜନ କ୍ରାନ୍ତି ମୋର୍ଚ୍ଚାର ଜିଲା ସଭାପତି ନରହରି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପସଭାପତି ଦାମୋଦର ପୂଜାରୀ, ବେରୋଜଗାର ସଂଘ ସଭାପତି ଚିଙ୍କା ଭତରା, ତ୍ରିନାଥ କୁଲଦୀପ, ପୂର୍ଣ୍ଣଚନ୍ଦ୍ର ନିହାଲ, ଲବ ଗୌଡ଼, ବଭ୍ରୁବାହନ ନାୟକ, ମହାନ୍ ଚନ୍ଦ୍ର ଦାସ, ଅନୁସୂଚିତ ଜାତି ଜିଲା ସଭାପତି ରାଜେନ୍ଦ୍ର ଭକ୍ତ, ତାରିଣୀ ମାଝି, ଚନ୍ଦ୍ରସେନ ରାଉତ, ଚଇତୁ ଜାନୀ, ହେମନ୍ତ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ର ବିଜେଡିର ସାଙ୍ଗଠନିକ ବୈଠକ

ଚନ୍ଦାହାଣ୍ଡି, ୧୦।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସିଉନାପାଲିରେ ବ୍ଲକ ଛାତ୍ର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଚିନ ଚୌହାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ଶ୍ରୀଚନ୍ଦନ ପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ, ଉପସଭାପତି ଚନ୍ଦନ ବେହେରା, ଜିଲା ସାଧାରଣ ସମ୍ପାଦକ ଜୟଦେବ ଖମାରୀ, ସୋସିଆଲ ମିଡିଆ ସଂଯୋଜକ ଲଳିତ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ସଙ୍ଗଠନକୁ ମଜଭୁତ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ଯୁବ ସଭାପତି ତ୍ରିନାଥ ଦାସ, ବଳରାମ ପଟ୍ଟନାୟକ, ଯୁବରାଜ ଜଗତ, ରଷ୍ମ ଚନ୍ଦ୍ର ବାଘ, ପୁରୁଷୋତ୍ତମ ପାଣି, ଗମ୍ଭୀର ଚୌହାନ, ଭୀମସେନ ଡଙ୍ଗରୀ, ଲକିଧର ବାଘ, ତରୁଣ ଗୌଡ଼, ଜମ୍ବୁ ହାତୀ, ବଳଭଦ୍ର ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ ।

# କଥା ରଖିଲାନି ପ୍ରଶାସନ, ରାସ୍ତାକୁ ଓହ୍ଲାଇଲେ ଚାଷୀ

## ସାର ଯୋଗାଣ ପ୍ରତିବାଦରେ ରାସ୍ତାରୋକୋ, ଆନ୍ଦୋଳନ

ଡାବୁଗାଁ, ୧୦।୮(ଡି.ଏନ୍.ଏ.)



କଂଗ୍ରେସ ନେତା ଓ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

କଥା ରଖିଲାନି ପ୍ରଶାସନ। ୨ ଦିନରେ ସାର ଯୋଗାଇଦେବାକୁ କହି ଚାଷୀଙ୍କୁ ଭଣ୍ଡେଇ ଦେଲା। ଏବେ ଚାଷୀଙ୍କୁ ମିଳୁନି ୟୁରିଆ। ଏହାର ପ୍ରତିବାଦରେ ଚାଷୀ, ଡାବୁଗାଁ କୃଷକ ମହାସଂଘ ଏକାଠି ହୋଇ ମଙ୍ଗଳବାର ରାସ୍ତାରୋକୋ କରିଥିଲେ। କଂଗ୍ରେସ ପକ୍ଷରୁ ଏହି ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଏହି ସମୟରେ ବର୍ଷା ହେଉଥିଲେ ମଧ୍ୟ ଚାଷୀମାନେ ସେପରି ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ବୁଧବାର ସାର ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଧାରଣାରୁ ହଟିଥିଲେ।

ଗତ ଶୁକ୍ରବାର ଡାବୁଗାଁ କୃଷକ ମହାସଂଘଙ୍କ ସହ ୧୨ପଞ୍ଚାୟତର ଚାଷୀ କଂଗ୍ରେସ କର୍ମକର୍ତ୍ତାଙ୍କ ସହ ୟୁରିଆ ସାର ଅଭାବ ନେଇ ପ୍ରଶାସନ ସହ ଆଲୋଚନା କରିଥିଲେ। ଦୁଇଦିନରେ ସାର ଯୋଗାଇ ଦିଆଯିବ ବୋଲି ତହସିଲଦାର ସନ୍ଧ୍ୟା ସମରଥ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ୪ ଦିନ ବିତିଯାଇଥିଲେ ହେଁ ଚାଷୀଙ୍କୁ ସାର ମିଳି ନ ଥିଲା। ଡାବୁଗାଁ କୃଷକ ମହାସଂଘ ସଭାପତି ସତ୍ୟରଞ୍ଜନ ପାତ୍ର ଓ କୋଷାଧ୍ୟକ୍ଷ ଦେବି ପ୍ରସାଦ ରଥ, ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ରାଷ୍ଟ୍ରବାଦୀ କୃଷକ ମହାସଂଘ ପ୍ରତିଷ୍ଠାତା ରାଜେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ ଏବଂ ଗୁପ୍ତ ବିଶୋୟୀଙ୍କ ନେତୃତ୍ୱରେ ଚାଷୀମାନେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ରାଜ୍ୟ ରାଜପଥ-୩୯କୁ ଅବରୋଧ କରିଥିଲେ। ଜୟପୁର-ରାୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଡାବୁଗାଁଠାରେ ଅନେକ ଗାଡ଼ିମୋଟର ଅଟକି ରହିଥିଲା। ବାରମ୍ବାର ସାର ପାଇଁ ଅନୁରୋଧ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଆନ୍ଦୋଳନକୁ ବିକଳ୍ପଭାବେ ବାଛିନେଲୁ ବୋଲି ଚାଷୀମାନେ କହିଛନ୍ତି। ଅପରାହ୍ନରେ ଡାବୁଗାଁ ତହସିଲଦାର, ଥାନାଧିକାରୀ ବସିଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ। ବୁଧବାର ଚାଷୀଙ୍କୁ ସାର ମିଳିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଚାଷୀ ଧାରଣାରୁ ହଟିଥିଲେ। ଚାଷୀ ପିଣ୍ଟୁ ଜେନା, ଈଶ୍ୱର ପୂଜାରୀ, ନରେଶ ସିଂ, ଶୁଭଜିତ୍ ପାଣିଗ୍ରାହୀ, ରତନ କଲାର, ବିଶ୍ୱନାଥ କଲାର, ବନ ସିଂ ମାଝି, ଜଗନ୍ନାଥ ସିଂ ପ୍ରମୁଖ ଆନ୍ଦୋଳନରେ ଭାଗ ନେଇଥିଲେ।

# ରାଇଘର-ଉମରକୋଟ ମୁଖ୍ୟ ରାସ୍ତାରେ ଭାଲୁ



ବୁର୍ଜା ଛକ ନିକଟରେ ବୁଲୁଥିବା ଭାଲୁ।

ଉମରକୋଟ, ୧୦।୮(ସ୍ୱ.ପ୍ର.)

ରାଇଘର-ଉମରକୋଟ ମୁଖ୍ୟ ରାସ୍ତାସ୍ଥିତ ବେହେଡ଼ା ସଂରକ୍ଷିତ ଜଙ୍ଗଲ ନିକଟ ବୁର୍ଜା ଛକରେ ମଙ୍ଗଳବାର ଦ୍ୱିପ୍ରହରରେ ଏକ ମାଈ ଭାଲୁ ଛୁଆକୁ ସାଙ୍ଗରେ ନେଇ ରାସ୍ତା ଅତିକ୍ରମ କରିଥିଲା। ଦୀର୍ଘ ସମୟ ଧରି ମା' ଓ ଛୁଆ ଏପଟ ସେପଟ ଘୁରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଯାତାୟାତ କରୁଥିବା ଲୋକେ ଭାଲୁକୁ ଦେଖି ଅଟକି ରହିଥିଲେ। କିଛି ସମୟ ପରେ ଭାଲୁଟି ଜଙ୍ଗଲ ଭିତରକୁ ପଳାଇଥିଲା। ଜଙ୍ଗଲ କ୍ଷୟ ହେଉଥିବାରୁ ଭାଲୁମାନେ ବାରମ୍ବାର ଏଭଳି ଜନବସତିମୁହାଁ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# ଜେକେପୁରରୁ ଜିଲାର ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

## କଟକରେ ହେଉଛି ଚିକିତ୍ସା, ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖେ ଖବର ନାହିଁ

ରାୟଗଡ ଅଫିସ, ୧୦।୮

ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟ କେତେକ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡିଥିବାବେଳେ ବର୍ତ୍ତମାନ ରାୟଗଡ଼ା ଜିଲା ଜେକେପୁରରୁ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ କିନ୍ତୁ ବେଫିକର ରହିଛି। ଚିହ୍ନଟ ଡେଙ୍ଗୁ ରୋଗୀ ହେଲେ ଚାନ୍ଦିଲି ପଞ୍ଚାୟତ ଅଧୀନ ଜେକେପୁର ସରସ୍ୱତୀ ଶିଶୁ ମନ୍ଦିର ନିକଟ ଭାଟିପଡା ସାହିର ସୁଶାନ୍ତ ମିଶ୍ର (୩୪)। ସେ କଟକସ୍ଥିତ ସମ୍ପର୍କୀୟଙ୍କ ଘରେ ରହି ଚିକିତ୍ସିତ ହେଉଛନ୍ତି।

ଗତ ସପ୍ତାହରେ ସୁଶାନ୍ତ ଜ୍ୱରରେ ଆକ୍ରାନ୍ତ ହେବା ପରେ ରାୟଗଡ଼ାରେ ଚିକିତ୍ସା କରାଇଥିଲେ। ଜ୍ୱର ନ କମିବାରୁ ୩ ଦିନ ତଳେ କଟକରେ ରହୁଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ସୋମବାର କଟକ ବଡ଼ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡେଙ୍ଗୁ ୱାର୍ଡରେ ବେଡ୍ ଖାଲି ନ ଥିବାରୁ ସୁଶାନ୍ତ ସମ୍ପର୍କୀୟଙ୍କ ଘରେ ରହି ଚିକିତ୍ସିତ ହେଉଛନ୍ତି। ଏ ନେଇ କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ। ଜେକେପୁର ଅଞ୍ଚଳରେ ଲୋକଙ୍କୁ ସଚେତନ କରିବାକୁ ୭ଜଣ ସାମାଜିକ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ଉକ୍ତ ଅଞ୍ଚଳରେ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଲୋକଙ୍କୁ ଆହୁରି ସଚେତନ କରାଯିବ ବୋଲି ଏଡିଏମ୍ ବି.ଏଲ୍.ଏନ୍. ପୁଷ୍ଟି କହିଛନ୍ତି। ଗତବର୍ଷ ଜେକେପୁରରୁ ୧୧ଜଣଙ୍କ ସମେତ ରାୟଗଡ଼ା ଜିଲାରୁ ୧୫୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ବର୍ଷା ଆରମ୍ଭ ଅର୍ଥାତ୍ ଜୁଲାଇରୁ ଅକ୍ଟୋବର ମଧ୍ୟରେ ରାୟଗଡ଼ା ଜିଲାରେ ପ୍ରତିବର୍ଷ ଡେଙ୍ଗୁରୋଗୀ ଚିହ୍ନଟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକେ ବାରମ୍ବାର ଡେଙ୍ଗୁରେ ଆକ୍ରାନ୍ତ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

# ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

ନନ୍ଦାହାଣ୍ଡି, ୧୦।୮( ଡି.ଏନ୍.ଏ.)



ହିତାଧିକାରୀମାନେ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ତାଲା ପକାଇ ବସିଛନ୍ତି।

ଗାଈ ଋଣ ପାଇଁ ୩ ବର୍ଷ ହେବ ଆବେଦନ କରିଥିଲେ ମଧ୍ୟ ଏଯାଏ ହିତାଧିକାରୀଙ୍କୁ ତାହା ମିଳିନାହିଁ। ଋଣ ଆବେଦନ କଲାବେଳେ ଅସଲି ଘରପଟ୍ଟା ମଧ୍ୟ ସଂଯୋଗ କରି ହିତାଧିକାରୀ ଦେଇଥିଲେ। ଘରପଟ୍ଟା ଫେରାଇବାକୁ ବାରମ୍ବାର ଲ୍ୟାମ୍ପସ୍ ଏମ୍‌ଡିଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହି ପ୍ରତିବାଦରେ ମଙ୍ଗଳବାର କେତେଜଣ ହିତାଧିକାରୀ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ତାଲା ପକାଇଥିଲେ।

ସୂଚନା ଅନୁଯାୟୀ, ୨୦୧୮ରେ ୧୧ ଜଣ ଚାଷୀ ଗାଈ ଋଣ ପାଇଁ ନନ୍ଦାହାଣ୍ଡି ଲ୍ୟାମ୍ପସ୍‌ରେ ଆବେଦନ କରିଥିଲେ। କିନ୍ତୁ କେବଳ ୬ ଜଣଙ୍କୁ ଋଣ ପାଇଁ ଚୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଋଣ ମିଳିବାରେ ବିଳମ୍ବ ହେବାରୁ ଆବେଦନକାରୀମାନେ ବାରମ୍ବାର ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଯାଇଥିଲେ। ଏଯାବତ୍ ସେମାନଙ୍କୁ କୌଣସି ଋଣ ପ୍ରଦାନ କରାଯାଇନାହିଁ। ଆବେଦନପତ୍ର ସହ ନିଜର ବହୁମୂଲ୍ୟ ଅସଲି ଘରପଟ୍ଟା ସଂଲଗ୍ନକରି ଦେଇଥିବାରୁ ଅନ୍ୟ କୌଣସିଠାରୁ ଋଣ ଆବେଦନ କରି ପାରି ନ ଥିଲେ। ଅତିଷ୍ଠ ହୋଇ ନିଜର ଘରପଟ୍ଟା ଫେରାଇ ଆଣିବା ପାଇଁ ବାରମ୍ବାର ଏମ୍‌ଡିଙ୍କୁ କହିବା ପରେ ମଧ୍ୟ ସେ ପଟ୍ଟା ଫେରସ୍ତ କରି ନ ଥିଲେ। ତେଣୁ ମଙ୍ଗଳବାର ସମସ୍ତ ଆଶାୟୀ ହିତାଧିକାରୀ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଡଙ୍ଗରଭେଜା ଫାଣ୍ଡି ଅଧିକାରୀଙ୍କ ହସ୍ତକ୍ଷେପ ପରେ ଲ୍ୟାମ୍ପସ୍ ଏମ୍‌ଡି ସମସ୍ତ ଦସ୍ତାବିଜ ଫେରସ୍ତ କରିଛନ୍ତି। ୩ ବର୍ଷ ହତାଶ ହୋଇଥିବାରୁ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ହିତାଧିକାରୀମାନେ ପ୍ରତିକ୍ରିୟାରେ କହିଛନ୍ତି। ଲ୍ୟାମ୍ପସ୍ ଏମ୍‌ଡିଙ୍କ ଏଭଳି ବେପରୁଆ କାର୍ଯ୍ୟକଳାପକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଉଥିବା ବେଳେ ତାଙ୍କ ସ୍ଥାନରେ ଅନ୍ୟ ଏମ୍‌ଡିଙ୍କୁ ନିୟୋଜିତ କରିବା ପାଇଁ ଦାବି ହେଉଛି।

# ଆଦିବାସୀଙ୍କ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟ

## ୩୧ଜଣଙ୍କୁ ରଙ୍ଗିନ ମାଛ, ଯାଆଁଳ ଉତ୍ପାଦନ ତାଲିମ

ନବରଙ୍ଗପୁର,୧୦।୮ (ବି.ପ୍ର.)

କେନ୍ଦ୍ରୀୟ ମଧୁର ଜଳ ଜୀବ ପରିପାଳନ ସଂସ୍ଥାନ (ସିଫା) ଭୁବନେଶ୍ୱର ପକ୍ଷରୁ ନବରଙ୍ଗପୁର ଜିଲାର ୩୧ ଜଣ ଉଦ୍ୟୋଗୀ ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ରଙ୍ଗୀନ ମାଛ ଚାଷ ଓ ଯାଆଁଳ ଉତ୍ପାଦନ ତାଲିମ ଦିଆଯାଉଛି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ମଙ୍ଗଳବାରରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସିଫାର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଆଦିବାସୀଙ୍କ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା ଦିଗରେ ରଙ୍ଗୀନ ମାଛ ଚାଷ ନିଶ୍ଚିତ ସହାୟକ ହୋଇ ପାରିବ। ଏଥିସହିତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବଜାରକୁ ନବରଙ୍ଗପୁର ରଙ୍ଗୀନ ମାଛ ଯୋଗାଇ ପାରିବ ବୋଲି ସେ କହିଥିଲେ। ଗତ ୨୮ ତାରିଖରେ ନବରଙ୍ଗପୁରରେ ରଙ୍ଗିନ ମାଛ ଚାଷ ଉଦ୍‌ଘାଟନ କରାଯାଇଥିଲା। ଖୁବ୍ ଶୀଘ୍ର ନବରଙ୍ଗପୁରର ଉଦ୍ୟୋଗୀମାନେ ରଙ୍ଗୀନ ମାଛ ଯାଆଁଳା ଉତ୍ପାଦନ କରିପାରିବେ ବୋଲି ସେ କହିଛନ୍ତି। ତାଲିମ କାର୍ଯକ୍ରମ ପରେ ଆନୁସାଙ୍ଗିକ ସହାୟତା ପ୍ରଦାନ କରାଯିବ ବୋଲି ଜନଜାତି ଉନ୍ନତି ପ୍ରକଳ୍ପ ମୁଖ୍ୟ ବୈଜ୍ଞାନିକ ପଦ୍ମନାଭ ରାଉତରାୟ କହିଥିଲେ। ସିଫାର ବରିଷ୍ଠ ବୈଜ୍ଞାନିକ ଡଃ ନଗେଶ୍ କୁମାର ବାରିକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଫାର ପ୍ରଧାନ ବୈଜ୍ଞାନିକ ଡଃ ଶିବ ଶଙ୍କର ଗିରି, ବୈଜ୍ଞାନିକ ଡ. ସୁନିଲ ଅଲ୍ଲୀ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ବି.କେ. ସିହ୍ନା ଚାଷୀମାନଙ୍କୁ ତାଲିମ ଦେଇଥିଲେ। ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ଉମରକୋଟ, ନନ୍ଦାହାଣ୍ଡି ଓ ପାପଡ଼ାହାଣ୍ଡି ବ୍ଲକର ୨୧ ମହିଳା ଓ ୧୦ ପୁରୁଷ ତାଲିମ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ସହାୟକ ଅଧିକାରୀ ରାଟେଲ ମହାକୁଡ଼ ଓ ଆକାଶ ନାୟକ ସହଯୋଗ କରୁଛନ୍ତି ।

# ହେଲ୍‌ମେଟ୍ ତନଖି, ଗାଡ଼ି ଯାଞ୍ଚ କର



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ସଡ଼କ ସୁରକ୍ଷା ପର୍ଯ୍ୟାଲୋଚନା କମିଟି ବୈଠକ

ନବରଙ୍ଗପୁର,୧୦।୮ (ବି.ପ୍ର.)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା ପର୍ଯ୍ୟାଲୋଚନା କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷକରି ଜିଲାସ୍ତରୀୟ ସଡ଼କ ସୁରକ୍ଷା ବାର୍ଷିକ କାର୍ଯ୍ୟ ଖସଡ଼ା କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ନିୟମିତ ଭାବରେ ହେଲ୍‌ମେଟ୍ ତନଖି କରିବା ସହିତ ଗାଡ଼ି ଯାଞ୍ଚ କରିବା ପାଇଁ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟକରି ସେଠାରେ ଦୁର୍ଘଟଣାଜନିତ ସତର୍କ ସୂଚନା ଫଳକ ଜନସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାପନା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିଭୁରଞ୍ଜନ ନାୟକ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଉପ ଆରକ୍ଷୀ ଅଧୀକ୍ଷକଙ୍କ ସହ ସମସ୍ତ କମିଟି ସଭ୍ୟ ଉପସ୍ଥିତ ଥିଲେ।

# ମହିଳାଙ୍କୁ ମିଳୁନି ମମତା ଯୋଜନା ଟଙ୍କା

ବିଷମକଟକ, ୧୦।୮(ଡି.ଏନ୍.ଏ.)

ମମତା ଓ ଜନନତର ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଝିଙ୍ଗିଡି ପଞ୍ଚାୟତ ନୁରୁଗୁଣ୍ଡୁ ଗ୍ରାମର କେତେଜଣ ମହିଳା ଅଭିଯୋଗ କରିଛନ୍ତି। ସେମାନେ ଏ ନେଇ ବିଷମକଟକ ସିଡିପିଓ ସୁଶୀଳା ଶବରଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ସିଡିପିଓଙ୍କୁ ଭେଟିବାକୁ ଆସିଥିବା ମହିଳା।

ମମତା ଯୋଜନାରେ ଗର୍ଭବତୀଙ୍କୁ ୨ଟି କିସ୍ତିରେ ୨୫୦୦ ଟଙ୍କା ଲେଖାଏ ଦିଆଯାଉଛି। କିନ୍ତୁ ନୁରୁଗୁଣ୍ଡୁ ଗ୍ରାମର ବାସନ୍ତୀ ବିଭାର, ସଞ୍ଜୁକ୍ତା କନ୍ଧପାଣି, କାଞ୍ଚନ ଡଙ୍ଗରୀ, ଲକ୍ଷ୍ମୀ ପିଡିକା, ଯଶୋଦା ଡଙ୍ଗରୀ, ମିତା କଡ୍ରାକା, ମିଲି କୁଟ୍ରୁକା, ଭାଗ୍ୟବତୀ କୁଟ୍ରୁକା, କନକ ହକ୍କା, ତୁଳସୀ ପିଡିକାଙ୍କୁ ୫ବର୍ଷ ହେବ ମମତା ଯୋଜନା ଟଙ୍କା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସମନ୍ୱିତ ଶିଶୁ ବିକାଶ ଉପରିସ୍ଥ ଅଧିକାରୀଙ୍କୁ ଦୀର୍ଘ ଦିନ ହେବ ଏ ନେଇ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ହିତାଧିକାରୀ କହିଛନ୍ତି। ଏ ନେଇ ସିଡିପିଓଙ୍କୁ ପଚାରିବାରୁ ବର୍ଷେ ହେଲା ମମତା ଯୋଜନା ସଫ୍ଟୱେର ଅପ୍‌ଡେଟ ହେଉଛି। ସେଥିପାଇଁ ଟଙ୍କା ଯାଇ ପାରୁନାହିଁ। ଅନ୍ୟ କେତେ ଜଣଙ୍କର ଏବଂ କେୱାଇସି ଅପ୍‌ଡେଟ୍ ନ ଥିବାରୁ ଏହିସବୁ ତ୍ରୁଟି ଯୋଗୁ ଅସୁବିଧା ହେଉଥିବା ସେ କହିଛନ୍ତି।

# ନିଖୋଜ ନାବାଳିକା ଉଦ୍ଧାର

ରାୟଗଡ ଅଫିସ, ୧୦।୮

ରାୟଗଡ଼ା ଟାଉନ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ପୋଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନାନୁଯାୟୀ, ରାୟଗଡା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ରାୟଗଡ଼ା ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ୧୪୧/୨୧ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଦାୟିତ୍ୱ ସବ୍‌ଇନ୍ସପେକ୍ଟର ମାନସ କୁମାର ସାହୁଙ୍କୁ ଦିଆଯାଇଥିଲା। ନାବାଳିକା ବ୍ୟବହାର କରୁଥିବା ଫୋନ୍‌କୁ ଟ୍ରାକ୍ କରାଯାଇ ଗାଡିଶେଷଖାଲ ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ମାଉସୀ ଘରୁ ତାଙ୍କୁ ସୋମବାର ଉଦ୍ଧାର କରାଯାଇଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରାୟଗଡ଼ା ଅଫିସ, ୧୦।୮

ରାଜ୍ୟରେ ଦଳିତମାନଙ୍କୁ ଅଣଦେଖା କରାଯାଉଛି। ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଫଟୋକୁ ଫୋପାଡ଼ିବାକୁ ଭାଜପା ବିରୋଧ କରିଛି। ଏ ନେଇ ମଙ୍ଗଳବାର ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ଡ. ବିଭୁପ୍ରସାଦ ତରାଇଙ୍କ ନିର୍ଦ୍ଦେଶରେ ଘେରାଉ ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।





ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ରାଜ୍ୟ ସରକାରଙ୍କ ଛତ୍ରଛାୟାରେ ଲୋକେ ଦଳିତ ଲୋକଙ୍କୁ ହଇରାଣ କରୁଛନ୍ତି। ଏହାକୁ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚ ଦୃଢ଼ ନିନ୍ଦା କରୁଛି। ଆପରାଧିକ କାର୍ଯ୍ୟକଳାପ କରୁଥିବା ଲୋକଙ୍କ ବିରୋଧରେ ପୋଲିସ ଏତଲା ଗ୍ରହଣ କରୁ ନ ଥିବା ଦୁଃଖର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ଘଟଣା ଘଟୁଛି। ରାୟଗଡ଼ାରେ ମଧ୍ୟ ଦଳିତମାନଙ୍କ ପ୍ରତି ଅତ୍ୟାଚାର କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ଦାବି କରାଯାଇଛି।

କାର୍ଯ୍ୟକ୍ରମରେ ରାୟଗଡ଼ା ପ୍ରଭାରୀ ଜି. ସଞ୍ଜୀବ କୁମାର, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ବିଭିସନ ପାଣି, ସାଧାରଣ ସମ୍ପାଦକ ଟି. ନାଗାରାଜୁ, ବସନ୍ତ ଉଲ୍ଲାକା, ନଗର ସଭାପତି ଶ୍ୟାମ କୁମାର ଦାଶ, ଭାଜପା ଉପସଭାନେତ୍ରୀ ଅର୍ଚ୍ଚନା ବର୍ମା, ଭାଜପା ଜିଲା ଉପସଭାପତି ଭେଙ୍କଟ ରାଓ ସେନାପତି, ନଗର ଏସ୍‌ସି ମୋର୍ଚ୍ଚା ସଭାପତି ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଲାଞ୍ଚ ନ ଦେବାରୁ ନାଁ କାଟିଦେଲେ ଅଧିକାରୀ'

## ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ଅଭିଯୋଗ

ପାପଡ଼ାହାଣ୍ଡି,୧୦।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚନ୍ଦ୍ରପୁର ପଞ୍ଚାୟତର କେତେଜଣ ଗରିବ ହିତାଧିକାରୀଙ୍କ ନାମ ଆବାସ ଯୋଜନାରୁ ବାଦ୍ ଦିଆଯାଇଛି। ଉକ୍ତ ହିତାଧିକାରୀମାନେ ମଙ୍ଗଳବାର ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଜନାର ରିପୋର୍ଟ ପ୍ରସ୍ତୁତ ପାଇଁ ତଦନ୍ତ କରିବାକୁ ଯାଇଥିବା ପିଇଓ ଓ ଜିଆର୍‌ଏସ୍ ଲାଞ୍ଚ ମାଗିଥିବା ଦାବିପତ୍ରରେ ଉଲ୍ଲେଖ ଅଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ହିତାଧିକାରୀ ଦାବି କରିଛନ୍ତି।



ହିତାଧିକାରୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ସୂଚନା ମୁତାବକ କଇନୁ ବେନିଆ, ସନମତି ମାଳି, କମଳ ଲୋଚନ ବିଶୋଇ, ଗୋପୀ ମାଝି, ଫଗୁଣୁ ମାଝି, ରବୀନ୍ଦ୍ର ହରିଜନ, ଘାସିରାମ ବିଶୋଇ, ଭଗବାନ ମାଝି, ସନସାଇ ମାଝି ପ୍ରମୁଖ ବହୁ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକୃତ ହିତାଧିକାରୀଙ୍କୁ ତଦନ୍ତ କରିବା ଲାଗି ମଇଦଲପୁର ପିଇଓ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଜିଆର୍‌ଏସ୍ ହରିହର ଜାନିଙ୍କୁ ପଠାଯାଇଥିଲା। ତଦନ୍ତ ସମୟରେ ଏହି ଦୁଇ ଅଧିକାରୀ ଲାଞ୍ଚ ମାଗିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ୩ହଜାର ଟଙ୍କା ଓ କୁକୁଡ଼ା ଲାଞ୍ଚ ନ ଦେଲେ ତୁମମାନଙ୍କର ନାମ ଆବାସ ଯୋଜନା ତାଲିକାରୁ ବାଦ୍ କରିଦିଆଯିବ। ଆମକୁ ଦାୟୀ କରିବ ନାହିଁ ବୋଲି ଅଧିକାରୀମାନେ କହିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଟଙ୍କା ଦେଇପାରିବେ ନାହିଁ ବୋଲି ହିତାଧିକାରୀ ଅସାମର୍ଥ୍ୟ ପ୍ରକାଶ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସତକୁ ସତ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିଲା। ଏ ନେଇ ଲିଖିତ ଆକାରରେ ବିଡିଓଙ୍କୁ ଜଣାଇବା ସହ ନ୍ୟାୟ ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ହେଡ୍ କ୍ଲର୍କ ଦାବିପତ୍ର ଗ୍ରହଣ କରିଥିଲେ। ଏ ନେଇ ପିଇଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏବିଡିଓ କୃପାସିନ୍ଧୁ ନାୟକ ଦାବିପତ୍ର ପାଇଥିବା କହିବା ସହ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ



କାଲିମେଲା,୧୦।୮(ଡି.ଏନ୍.ଏ.)- ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ କାଲିମେଲା ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କାଲିମେଲା ଅଞ୍ଚଳର ସୋନୁ ପଣ୍ଡା। ମାନ୍ୟମକୋଣ୍ଡା ପଞ୍ଚାୟତ ଏମ୍‌ଭି-୭୫ ଗ୍ରାମର ଜଣେ ଯୁବତୀଙ୍କୁ ୨୦୧୯ରେ ମାଲକାନଗିରି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିବାହ କରିଥିଲେ। ଯୁବତୀ ଜଣକ ବଙ୍ଗୀୟ ହୋଇଥିବାରୁ ଯୁବକଙ୍କ ପରିବାର ଏହାକୁ ବିରୋଧ କରି ଆସୁଥିଲେ। ତେବେ ଯୁବତୀ ଯେତେବେଳେ ସୋନୁଙ୍କୁ ଶାଶୁଘରକୁ ନେବାକୁ ବାଧ କରିଥିଲେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ସମ୍ପର୍କରେ ଅନେକ ଥର ଗ୍ରାମରେ ସଭା କରାଯାଇ ଘଟଣାର ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ସୋନୁ ଯୁବତୀଙ୍କ ଘରକୁ ଯାଇ ଅନେକ ସମୟରେ ରହୁଥିଲେ ମଧ ତାଙ୍କୁ ନିଜ ଘରକୁ ନେବାକୁ ରାଜି ହେଉ ନ ଥିଲେ। ଯୁବତୀଙ୍କ ଗର୍ଭପାତ କରିବା ସହ ୫ଲକ୍ଷ ଟଙ୍କା ଯୌତୁକ ଦାବିକରି ତାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହା ଅତିଶୟ ହେବାରୁ ପୀଡ଼ିତା ବାଧ ହୋଇ କାଲିମେଲା ଥାନାରେ ସୋନୁଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ୧୮୧/୨୧ରେ ମାମାଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନାଗାସାକି ଦିବସ ପାଳିତ

ସୁନାବେଡା,୧୦।୮(ସ୍ୱ.ପ୍ର.)- ସୁନାବେଡାସ୍ଥିତ ହାଲ୍ ଭିଏସ୍ ବିଦ୍ୟାଳୟର ଏନସିସି ପକ୍ଷରୁ ନାଗାସାକୀ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ଜାତୀୟ ସ୍ତରର ୱେବିନାରରେ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଏନସିସି କ୍ୟାଡ଼େଟ ଏଏନଓ,ସିଟିଓଙ୍କ ସମେତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଥାର୍ଡ ଅଫିସର ଡ. ଜି.ବିନୋଦ କୁମାର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ନବୀନ ପରାସର, ମୁଖ୍ୟବକ୍ତା ରୂପେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ଼ କକୋଲି ବାନାର୍ଜୀ, ସମ୍ମାନିତ ଅତିଥିଭାବେ କର୍ଣ୍ଣେଲ ରାଜେଶ କେ. ରାଓ ଯୋଗ ଦେଇଥିଲେ। ଭିଏସ୍ ବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ସେଠ ସହଯୋଗ କରିଥିଲେ।

### ଦଇମତି ମୁଦୁଲିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଜୟପୁର,୧୦।୮(ନି.ପ୍ର.)-ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା କମିଟିର ବୈପାରିଗୁଡ଼ା ଆଞ୍ଚଳିକ କମିଟିର ମହିଳା କର୍ମୀ ଦଇମତି ମୁଦୁଲିଙ୍କ ମୃତ୍ୟୁରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ଆୟୋଜିତ ଏହି ସଭାରେ ଶ୍ରମିକ ନେତା ପ୍ରମୋଦ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦଇମତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ କର୍ମକର୍ତ୍ତାମାନେ ସାଧାରଣ ଲୋକଙ୍କ ହକ୍ ପାଇଁ ଦଇମତିଙ୍କ ଲଢ଼େଇ ଏବଂ ସଙ୍ଗଠନ ଲାଗି ତାଙ୍କ ଅବଦାନ ଯୋଗୁ ସେ ସର୍ବଦା ମନେ ରହିବେ। ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ଆଦିବାସୀ ହରିଜନଙ୍କ ଉପରେ ପୋଲିସ ଓ ବନ କର୍ମଚାରୀଙ୍କ ଜୁଲମର ପ୍ରତିବାଦ କରି ଦଇମତି ଆଦିବାସୀ ନେତା ଚନ୍ଦ୍ର ମୁଦୁଲି, ଚନ୍ଦ୍ରୁ ବଡନାୟକ, ରେଲି ଶିସା, ଲକ୍ଷଣ ଶିଶାଙ୍କ ଏକାଠି କରି ମେଳି କରୁଥିଲେ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ସଭାରେ ଯୁଧିଷ୍ଠିର ରାଉଳ, ସୁଦର୍ଶନ ବିଷୋୟୀ, ଉତ୍ତମ ମଲ୍ଲିକ, ନନ୍ଦ ହରିଜନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୫୦ ନେଲେ କୋଭିଡ୍ ଟିକା

ଦଶମନ୍ତପୁର ତା ୧୦/୮/୨୧ ( ଡ଼ି.ଏନ.ଏ ) ସ୍ଥାନୀୟ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ବାଘଚେମା ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ମଙ୍ଗଳବାର ୧୫୦ ଜଣଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ଦାଶ ଲୋକମାନଙ୍କୁ ଟିକା ଦେଇଥିଲେ। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨ ହଜାର ରୁ ଅଧିକ ଲୋକ ଟିକା ନେଇ ସାରିଛନ୍ତି। ଅବଶିଷ୍ଟ ଲୋକେ ଡାକ୍ତରଖାନା ଯାଇ କୋଭିଡ ଟିକା ନେଇ ପାରିବେ ବୋଲି ସ୍ୱାସ୍ଥ୍ୟକର୍ମୀ ଦାଶ କହିଛନ୍ତି।

# ପଡ଼ିରହି ନଷ୍ଟ ହେଉଛି ଚାଷୀଙ୍କ ବିହନ

**ଡିଡାଇ ଉନ୍ନୟନ ସଂସ୍ଥାରେ ଦୁର୍ନୀତି**

- ଅଦା, ହଳଦୀ, କନ୍ଦମୂଳ ବିହନ କିଛି ଦେଉନାହାନ୍ତି
- ଦାୟିତ୍ୱରେ ଥିବା ବିଡିଓ ସମୟ ଦେଉନାହାନ୍ତି
- ଜିଲାପାଳଙ୍କୁ ଜଣାଇ ମିଳିନି କିଛି ସୁଫଳ

ଖଇରପୁଟ,୧୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଆଦିମ ଜନଜାତି ବଣ୍ଡା ଏବଂ ଡିଡାଇ ଭଳି ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ବଣ୍ଡାଙ୍କ ଉନ୍ନତି ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ଏବଂ ଡିଡାଇଙ୍କ ପାଇଁ ଡିଡାଇ ଉନ୍ନୟନ ସଂସ୍ଥା ପ୍ରତିଷ୍ଠା ହୋଇଛି। ଏହି ଦୁଇ ସଂସ୍ଥାରେ ଆଦିମ ଜନଜାତିଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା କୁହାଯାଉଥିବା ବେଳେ ବାସ୍ତବରେ ସେମାନଙ୍କ କୌଣସି ଉନ୍ନତି ହେଉଥିବା ପରିଲକ୍ଷିତ ହେଉନାହିଁ। ଖଇରପୁଟର ୫ ହଜାର ଫୁଟଘାଟି ଉପରେ ବଣ୍ଡା ସମ୍ପଦାୟର ଲୋକେ ବସବାସ କରୁଥିବାବେଳେ କୁଡୁମୁଲୁଗୁମ୍ମା, କୋରକୋଣ୍ଡା ଏବଂ ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ୫୮ଟି ଗ୍ରାମରେ ଡିଡାଇ ସମ୍ପଦାୟର ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଲୋକେ ବସବାସ କରୁଛନ୍ତି।

ଡିଡାଇ ସମ୍ପ୍ରଦାୟର ଲୋକଙ୍କ ପାଇଁ ପ୍ରତିଷ୍ଠା ହୋଇଥିବା ଡିଡାଇ ଉନ୍ନୟନ ସଂସ୍ଥାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଞ୍ଚଳର ଚାଷୀ ରାମ ପାଙ୍ଗି,ମନୋ ବିଶୋୟୀ,ଦନିଆ ଖିଲ,ସାଇବ ପାଙ୍ଗି,ବିଙ୍ଗୁରୁ ମୁଦୁଲି,ସର୍ବି ଶିଶା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ସମ୍ପ୍ରଦାୟର ଲୋକେ କ୍ଷୁଦ୍ର ଚାଷୀ। ସେମାନେ ନିଜ ବାଡ଼ିରେ ଧାନ, ମାଣ୍ଡିଆ, ଅଦା, ହଳଦୀ, ସୁଆଁ, କନ୍ଦମୂଳ ଭଳି ବିଭିନ୍ନ ଖାଦ୍ୟଶସ୍ୟ ଉତ୍ପାଦନକରି ବଜାରରେ ବିକି ଚଳିଥାନ୍ତି। ଏମାନଙ୍କ ଉନ୍ନତି ନିମନ୍ତେ ଡିଡାଇ ଉନ୍ନୟନ ସଂସ୍ଥାର ଏକ କାର୍ଯ୍ୟାଳୟ କୁଡୁମୁଲୁଗୁମ୍ମାରେ କାର୍ଯ୍ୟ କରୁଛି। ଏହି ସଂସ୍ଥା ଡିଡାଇ ଅଧିବାସୀ ବସବାସ କରୁଥିବା ଗ୍ରାମକୁ ରାସ୍ତାଘାଟ ସହ ଏମାନଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛି। ମାତ୍ର ଏହି ଜନଜାତିର ଲୋକେ ଅବହେଳିତ ହୋଇ ରହିଛନ୍ତି। ଆଦିମ ଜନଜାତିଙ୍କ ପାଇଁ ଓଡ଼ିଶା ବିକାଶ ନିର୍ବାହ ପ୍ରକଳ୍ପ(ଓପିଲିପି) ମାଧ୍ୟମରେ ୫୮ଟି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ସମିତି (ଭିଡିସି) କାର୍ଯ୍ୟ କରୁଛି। ଏହି ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଅନେକ ଅନିୟମିତତା ଏବଂ ଦୁର୍ନୀତି ଏବେ ପଦାକୁ ଆସିଛି। ପ୍ରକଳ୍ପର ପ୍ରୋଜେକ୍ଟ ମ୍ୟାନେଜର ଲୋକଙ୍କ ସହ ଆଲୋଚନା ନ କରି ନିଜ ଇଚ୍ଛାରେ ସମସ୍ତ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଦା ହଳଦୀ,କନ୍ଦମୂଳ ଇତ୍ୟାଦି ବିହନ ଡିଡାଇ ଲୋକଙ୍କୁ ପ୍ରଦାନ କରା ନ ଯାଇ ଏଣେତେଣେ ଫିଙ୍ଗିବା ପରି ପକାଇ ରଖାଯାଉଛି। ଯନ୍ତ୍ରୀ ଘାଟରେ ପ୍ରାୟ ୧୪୦ ପ୍ୟାକେଟ ଅଦା, ହଳଦୀ ବିହନ ଗ୍ରାମବାସୀଙ୍କୁ ବାଣ୍ଟିବା ପାଇଁ ମାସେ ତଳୁ ରଖାଯାଇଛି। ମାତ୍ର ଏହା କର୍ମଚାରୀମାନେ ନ ବାଣ୍ଟିବାରୁ ଏଯାଏ ଘାଟରେ ପଡିରହି ନଷ୍ଟହେବାକୁ ବସିଲାଣି। ତେବେ ଲୋକଦେଖାଣିଆ ଭାବେ ନାକାମାମୁଡି ଏବଂ ଅଣ୍ଡ୍ରାପାଲି ପଞ୍ଚାୟତର କେତେକ ଗ୍ରାମରେ ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ଏହି ବିହନ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ଜଣକୁ ୨/୩ କୁଇଣ୍ଟାଲ ବିହନ ଦେବାକୁ ପ୍ରଶାସନିକ ନିର୍ଦ୍ଦେଶ ଥିବା ବେଳେ ୩ଜଣଙ୍କୁ ମାତ୍ର ଗୋଟିଏ ବସ୍ତାରେ ଅଦା, ହଳଦୀ ବିହନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଡିଡାଇର ସ୍ୱତନ୍ତ୍ର ଅଧିକାରୀ କିଛି ଜାଣୁ ନ ଥିବା କହୁଛନ୍ତି। ମାଥିଲି ବିଡିଓ ଆଶିଷ କୁମାର ଭୋଇ ଡିଡାଇ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ରୂପେ ଦାୟିତ୍ୱରେ ଅଛନ୍ତି। ସେ ନିଜ ବ୍ଲକ ବିଷୟରେ ବ୍ୟସ୍ତ ରହି ଡିଡାୟୀ କାର୍ଯ୍ୟାଳୟ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏନେଇ ଡିଡାଇର ସ୍ୱତନ୍ତ୍ର ଅଧିକାରୀ ଭୋଇଙ୍କୁ ପଚାରିବାରୁ ସେ ଏସବୁ ବିହନ ବଣ୍ଟନ କରାଯାଇଥିବା ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଡିଡାୟୀରେ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ନାହିଁ। ଯେଉଁ ଚାଷୀମାନେ ଚାଷ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ଡିଡାୟୀ କାର୍ଯ୍ୟାଳୟ ସେମାନଙ୍କୁ ବିହନ ଯୋଗାଇ ଦେଇଥାଏ। ତେବେ ରହିଥିବା ୫୮ଟି ଭିଡିସିକୁ ଟଙ୍କା ଦେବା ପରେ ଏହି ସମିତି ଡିଡାୟୀ କାର୍ଯ୍ୟାଳୟରୁ ବିହନକୁ ଖରିଦ କରିବା ନିୟମ ରହିଛି। ମାତ୍ର ଭିଡିସିମାନଙ୍କୁ ଅନ୍ଧାରରେ ରଖାଯାଇ ସେମାନଙ୍କ ସମସ୍ତ ଖାତାପତ୍ର ବିଭାଗୀୟ ଅଧିକାରୀମାନେ ରଖିଛନ୍ତି। କେତେ ଟଙ୍କା ଆସୁଛି, କେତେ ଉଠାଯାଉଛି ସେ ସମ୍ପର୍କରେ ସେମାନେ କିଛି ଜାଣୁ ନ ଥିବା ଭିଡିସି ଦାୟିତ୍ୱରେ ଥିବା ଅଧିକାରୀମାନେ କହିଛନ୍ତି। ଗତ କିଛିଦିନ ତଳେ ଶତାଧିକ ଡିଡାଇ ଚାଷୀ ଜିଲାପାଳ ବିଶାଳ ସିଂଙ୍କୁ ଭେଟି ଏନେଇ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ତଦନ୍ତ ଆରମ୍ଭ ହୋଇ ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୫ ଓ ୮ରେ ଚାଷୀମାନେ ଆଟିଡିଏ ପ୍ରକଳ୍ପ ପ୍ରଶାସକ କ୍ଷୀରାବ୍ଧି ବେହେରାଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି। କରିଛନ୍ତି।



ଚିତ୍ରକୋଣ୍ଡାର ଯନ୍ତ୍ରୀଘାଟରେ ପଡିରହିଥିବା ବିହନ ବସ୍ତା ।

### ଯୁବତୀଙ୍କୁ ବଳାତ୍କାର ଘଟଣାର ୨ ବର୍ଷ ପରେ ଅଭିଯୁକ୍ତ ଗିରଫ

ଜୟପୁର, ୧୦।୮(ନି.ପ୍ର.)

ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ରୁଜୁ ମାମଲାର ୨ ବର୍ଷ ପରେ ଜୟପୁର ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବି.ମାଲିଗୁଡ଼ା ଗ୍ରାମର ସୁଶାନ୍ତ ନାୟକ (୪୦)। ମାମଲାରୁ ଜଣାପଡ଼ିଛି, ସୁଶାନ୍ତ ଜୁଲାଇ ୨୦୧୯ରେ ଜଣେ ଯୁବତୀ(୩୦)ଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୭/୧୯ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ସେବେଠାରୁ ସୁଶାନ୍ତ ଫେରାର ଥିଲେ। ନିକଟରେ ସେ ବି.ମାଲିଗୁଡ଼ାକୁ ଆସିଥିବା ସୂଚନା ପାଇ ତାଙ୍କୁ ଗିରଫକରି ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଇମେଜ୍ କମିଟିକୁ ବ୍ଲକ ଉପାଧ୍ୟକ୍ଷ ମନୋନୀତ

ବୈପାରିଗୁଡା,୧୦।୮(ଡି.ଏନ.ଏ.)– କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା କୃଷି ବିଭାଗ ଅଧୀନରେ ଥିବା ଇମେଜ୍‌ର କମିଟିକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ଇମେଜର ଅନୁଷ୍ଠିତ କମିଟି ବୈଠକରେ ସେ ଯୋଗଦେଇଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ହୋଇଥିବା ଏହି ବୈଠକରେ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୩ ପଞ୍ଚାୟତରେ କର୍ମୀଙ୍କ ସହ କଲେ ଆଲୋଚନା

**ବୟନ ଶିଳ୍ପମନ୍ତ୍ରୀଙ୍କ କୁନ୍ଦୁରା ବ୍ଲକ ଗସ୍ତ**

କୁନ୍ଦୁରା,୧୦।୮(ଡି.ଏନ୍.ଏ.)

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମଙ୍ଗଳବାର କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ସଦର ମହକୁମା ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବ୍ଲକର ଭୁଷାଙ୍ଗଗୁଡ଼ା,ଡଙ୍ଗରପାଉଁଶି ଏବଂ ଫୁପୁଗାଁ ପଞ୍ଚାୟତ ଗସ୍ତରେ ଯାଇ କର୍ମୀ ସମ୍ମିଳନୀରେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ସଫଳତା ହାସଲ କରିବ ସେନେଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀ ହାତେଇଥିଲା। ଚଳିତଥର ବିଜେଡି ଯେପରି ଏହି ପଦ ଲାଭ କରିବ ସେନେଇ ସେ ଆଶାବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟ କିଭଳି ଚାଲିଛି ଏବଂ ଲୋକଙ୍କ ନିକଟରେ ତାହା ପହଞ୍ଚିପାରିଛି କି ନାହିଁ ତଦାରଖ କରିବା ଲାଗି ସେ ଅଲୋଚନା କରିଥିଲେ। ଏଥିସହ ୱାର୍ଡ ସ୍ତରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପଞ୍ଚାୟତ କିମ୍ବା ବ୍ଲକ୍ ସ୍ତରରେ ସମାଧାନ କର। ଯଦି କିଛି ସମସ୍ୟା ସମାଧାନ ପଞ୍ଚାୟତ କିମ୍ବା ବ୍ଲକ୍ ସ୍ତରରେ ହୋଇପାରୁନାହିଁ ତେବେ ତାକୁ ରାଜ୍ୟସ୍ତରରେ ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର ,କୋଟପାଡ଼ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୂର୍ଯ୍ୟନାରାୟଣ ରଥ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା କନକଲତା ପେଣ୍ଡିଆ, ମୁନି ସାମନ୍ତରାୟ, ଭଜମନ ସାଅନ୍ତା, ଉମାକାନ୍ତ ମିଶ୍ର, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଆଲୋଚନା କରୁଛନ୍ତି ।

### ନିର୍ଯାତନା ଅଭିଯୋଗ, ୭ ଜଣଙ୍କ ନାମରେ ମାମଲା

ଜୟପୁର,୧୦।୮(ନି.ପ୍ର.)

ଜଣେ ନବବଧୂଙ୍କୁ ନିର୍ଯାତନା ଦେଉଥିବା ନେଇ ମହିଳା ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କ ସ୍ୱାମୀଙ୍କ ସମେତ ୭ ଜଣଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ହାନାଗୁଡ଼ାର ଏନ୍. ପ୍ରିୟଦର୍ଶିନୀ ଗତ ୨୦ ସେପ୍ଟେମ୍ବର ୨୦ରେ ଜୟପୁରର ଶିବା ପଟ୍ଟନାୟକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ତାଙ୍କୁ ସ୍ୱାମୀ, ଶାଶୁ ଦିଅରଙ୍କ ସହ ଅନ୍ୟମାନେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହା ଅସହ୍ୟ ହେବାରୁ ପ୍ରିୟଦର୍ଶିନୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କେସ୍ ନଂ. ୬୨/୨୧ରେ ମାମଲା ରୁଜୁ ହୋଇଛି।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୧୦।୮(ଡି.ଏନ୍.ଏ.)

ମାଲକାନଗିରିଜିଲା ସଦର ବ୍ଲକ ଗୋରାଖଣ୍ଟି ପଞ୍ଚାୟତ କୃସୁବାଡା ଗ୍ରାମର ଶିଶୁମାନଙ୍କୁ ନେଇ ନେହେରୁ ଯୁବକେନ୍ଦ୍ର ପକ୍ଷରୁ 'ସ୍ୱଚ୍ଛତା ପକ୍ଷ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଇଜ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତା ମଧ କରାଯାଇଥିଲା। କୋଭିଡ୍ ନିୟମ ଅନୁଯାୟୀ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଚିତ୍ରାଙ୍କନରେ ପାୟଲ ମଣ୍ଡଳ ପ୍ରଥମ, ସୁକାନ୍ତି ମାଡକାମି ଦ୍ୱିତୀୟ ଓ ଲକ୍ଷ୍ମୀ ପଡିଆମି ତୃତୀୟ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବାଲ୍ୟବିବାହ ରୋକିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ କୃସୁବାଡା ସରପଞ୍ଚ ଏରା ପଡିଆମି, ଶିକ୍ଷକ ଦୁର୍ଗାରାଓ ଦୁଆରି, ଓଡ଼ିଶା ଜୀବିକା ମିଶନର ରାଜେଶ୍ୱରୀ ମାଢ଼ି, ସାମାଜିକ କର୍ମୀ ସୀତାରାମ ଦୁରୁଆ ଅତିଥି ରୂପେ ଉପସ୍ଥିତ ଥିଲେ। ନେହେରୁ ଯୁବକେନ୍ଦ୍ରର ଈଶ୍ୱର କବାସୀ ଓ ମଙ୍ଗୁଲୁ ପାଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶିଖପାଲ୍ଲୀ ପଞ୍ଚାୟତ ସଦର ମହକୁମାରେ ମଧ ଅନୁରୂପ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜୁ ଛାତ୍ର ଜନତା ପକ୍ଷରୁ ବ୍ଲକସ୍ତରୀୟ ବୈଠକ

ଚିତ୍ରକୋଣ୍ଡା,୧୦।୮(ଡି.ଏନ.ଏ.)

ବିଜୁ ଛାତ୍ର ଜନତା ଦଳର ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ବୈଠକ ଶିବମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ବିଜୁ ଛାତ୍ର ଜନତାର ଜିଲା ପର୍ଯ୍ୟବେକ୍ଷକ ଶକ୍ତି ପ୍ରସାଦ ରଥ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଡ଼ମା ରାବା, ସମ୍ମାନିତ ଅତିଥି ଭାବେ ଜିଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଜିଲା ଛାତ୍ର ସଭାପତି ତାପସ ରଞ୍ଜନ ନାୟକ, ଆଇଟି କୋର୍ଡ଼ିନେଟର ସୁନିଲ ସାହୁ, ଖଇରପୁଟ ବ୍ଲକ ସଭାପତି ରଞ୍ଜନ ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ବିଜୁ ଛାତ୍ର ଜନତାର ବ୍ଲକ ସଭାପତି ହରିବନ୍ଧ ଖିଲ ସଭାପତିତ୍ୱ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଜନପ୍ରିୟ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ବ୍ଲକ ଯୁବ ଜନତା ସଭାପତି ଦୀପ୍ତି ରଞ୍ଜନ ରଥ, ବ୍ଲକ ଛାତ୍ର ଜନତା ସଭାପତି ଜଗନ୍ନାଥ ନାୟକ, ଡମ୍ବରୁ ଗୋଲରି, ଶୁକ୍ରା ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

### ବିବାଦର ସମାଧାନ ପରେ ଖୋଲିଲା ପେଟ୍ରୋଲ ପମ୍ପ

ଏମ୍‌ଭି ୭୯,୧୦।୮(ଡି.ଏନ୍. ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି–୭୬ ଗ୍ରାମରେ ବହୁ ବାଦବିବାଦରେ ରହିଥିବା ପେଟ୍ରୋଲ ପମ୍ପ ସୋମବାର ଖୋଲିଛି। ଆୟୋଜିତ କାର୍ଯ୍ୟକ୍ରମରେ ଜୟଗୁରୁ ଚାନ୍ଦ ପେଟ୍ରୋଲ ପମ୍ପକୁ ମୁଖ୍ୟ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରାସଦ ତ୍ରିପାଠୀ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଗୋପାଳ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ମାଲକାନଗିରି ଜିଲା ଛାତ୍ର, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଡ଼ମା ରାବା,ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପେଟ୍ରୋଲ ପମ୍ପ ହୋଇଥିବା ସ୍ଥାନକୁ ନେଇ ଆରମ୍ଭରୁ ବିବାଦ ଦେଖାଦେଇଥିଲା। ମହାଦେବ ମଣ୍ଡଳ ନାମକ ଜଣେ ବ୍ୟକ୍ତି ଏହି ସ୍ଥାନର ମାଲିକ ବୋଲି ଦାବିକରି ଏଠାରେ ପେଟ୍ରୋଲ ପମ୍ପ ନିର୍ମାଣକୁ ତୀବ୍ର ବିରୋଧ କରି ଆସୁଥିଲେ। ଏପରି କି ସେ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଝାଟମାଟି ଘର କରି ରହିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିବାଦର ସମାଧାନ ପାଇଁ ୩ ଥର ମହାଦେବ, ସ୍ଥାନୀୟ ଅଞ୍ଚଳର କେତେଜଣ ଭଦ୍ରବ୍ୟକ୍ତି ଓ ପେଟ୍ରୋଲ ପମ୍ପ ମାଲିକ ଅଶୋକ ହାଲ୍‌ଦାରଙ୍କୁ ନେଇ ବୈଠକ ହୋଇଥିଲେ ମଧ କିଛି ସମାଧାନ ହୋଇପାରି ନ ଥିଲା। ଶେଷରେ ମହାଦେବଙ୍କ ସହ ହାଲ୍‌ଦାର ଏକ ଚୁକ୍ତି କରି ବର୍ଷକୁ ତାଙ୍କୁ ୯୦ ହଜାର ଟଙ୍କା ଦେବାକୁ ସମ୍ମତି ପ୍ରକାଶ କରିବା ପରେ ବିବାଦ ତୁଟିଥିଲା। ମହାଦେବ ପେଟ୍ରୋଲ ପମ୍ପ ସମ୍ମୁଖରେ କରିଥିବା କୁଡ଼ିଆଘର ଭାଙ୍ଗି ଦେଇଥିଲେ।

### ଦିବ୍ୟାଙ୍ଗ ଶିଶୁ ଚିହ୍ନଟ ନେଇ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ

ପଟ୍ଟାଙ୍ଗୀ,୧୦।୮(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଏଫ୍‌ଆଇସି ସଭାଗୃହରେ ଦିବ୍ୟାଙ୍ଗ ଶିଶୁ ଚିହ୍ନଟ ପ୍ରକ୍ରିୟା ନେଇ ଏକ ତାଲିମ ଶିବିର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୂଚନା ଅନୁଯାୟୀ ବ୍ଲକର ବିଏସ୍‌ଏସ୍‌ଓ ଗୌତମ ଖୋସ୍‌ଲା ଅଧ୍ୟକ୍ଷତା କରିଥିଲେ। ବ୍ଲକରେ କାର୍ଯ୍ୟରତ ୧୭୮ ଅଙ୍ଗନୱାଡି କର୍ମୀଙ୍କୁ ଜନ୍ମରୁ ୬ ବର୍ଷ ବୟସ ଭିତରେ ରହିଥିବା ସମସ୍ତ ଦିବ୍ୟାଙ୍ଗ ଶିଶୁଙ୍କୁ କିପରି ଚିହ୍ନଟ କରାଯାଇପାରିବ ଏନେଇ ସେମାନଙ୍କୁ ରେଣୁବାଳା ମଲ୍ଲିକ ତାଲିମ ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କ ଚିହ୍ନଟ କାର୍ଯ୍ୟ ବେଳେ କୌଣସି ଦିବ୍ୟାଙ୍ଗ ଶିଶୁ ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି ଏବଂ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ଅଙ୍ଗନୱାଡି କର୍ମୀ ତାଲିମ ନେବା ପରେ ଘର ଘର ବୁଲି ୨୧ ପ୍ରକାର ଭିନ୍ନକ୍ଷମତାରୁ କିଏ କେମିତି ତାହା ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିବେ। ସେମାନଙ୍କୁ ପ୍ରଦାନ କରାଯାଇଥିବା ଚିହ୍ନଟୀକରଣ ନିୟମାବଳୀ ବହିକୁ ଅନୁଧ୍ୟାନ କରି ଫର୍ମ ଠିକ୍ ରୂପେ ପୂରଣ କରିବାକୁ ତାଲିମଦାତା ମଲ୍ଲିକ ପରାମର୍ଶ ଦେଇଥିଲେ ।



ତାଲିମ ଶିବିରରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ।

## ବିଶ୍ୱ ଆଦିବାସୀ ଦିବସରେ ପୋଲାଭରମ ପ୍ରକଳ୍ପକୁ ବିରୋଧ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କାଲିମେଲା,୧୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ମୋଟୁ ନିକଟସ୍ଥ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ଇନ୍ଦିରା ପୋଲାଭରମ ଡ୍ୟାମ୍ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବାକୁ ଥିବା ଆନ୍ଧ୍ର, ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ଲୋକଙ୍କ ସମସ୍ୟା ଏଯାଏ ସମାଧାନ ହୋଇପାରୁ ନାହିଁ। ଫଳରେ ସୋମବାର ବିଶ୍ୱ ଆଦିବାସୀ ଦିବସ ଅବସରରେ ପୋଲାଭରମ ବିରୋଧୀ ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୋଟୁ ତହସିଲଦାର ଶଶାଙ୍କ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପୋଲାଭରମ ଡ୍ୟାମ୍ ନିର୍ମାଣ ସକାଶେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କୌଣସି ଗ୍ରାମରେ ଜନଶୁଣାଣି ହୋଇନାହିଁ । ଏନେଇ ଜନଶୁଣାଣି କରିବାକୁ ଦାବି କରାଯାଇଛି। ୨୦୧୯ରେ କେନ୍ଦ୍ର ସରକାର ଏକ ସତ୍ୟପାଠ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ସିଲେରୁ ଓ ସାବେରୀ ନଦୀର ଉଭୟ ପାର୍ଶ୍ୱର କୂଳରେ ଆଡ଼ିବନ୍ଧ ନିର୍ମାଣ କରି ପୋଲାଭରମ ପଛୁଆ ଜଳକୁ ଓଡ଼ିଶା ଓ ଛତିଶଗଡ଼ରେ ପ୍ରବେଶ କରିବାକୁ ରୋକାଯିବ। ଏଥିଯୋଗୁ ଓଡ଼ିଶା ଓ ଛତିଶଗଡ଼ର ପ୍ରଭାବିତ ଗ୍ରାମଗୁଡ଼ିକୁ କ୍ଷତିପୂରଣ ଦେବେନାହିଁ। ଆଡ଼ିବନ୍ଧ ନିର୍ମାଣ ନ ହେଲେ ବର୍ଷାଦିନେ ସ୍ଥାନୀୟ ନଦୀ ନାଳର ବନ୍ୟାପାଣି ନିଷ୍କାସନ ହୋଇ ନ ପାରି ଓଡ଼ିଶାର ମାଲକାନଗିରି ଆଉ ଛତିଶଗଡ଼ର ସୁକ୍‌ମା ଜିଲାର ଗ୍ରାମଗୁଡ଼ିକରେ ପ୍ରବେଶ କରିବା ସମ୍ଭାବନାକୁ ଏଡ଼ାଯାଇ ନ ପାରେ। ଅନ୍ୟପକ୍ଷରେ ଆନ୍ଧ୍ର ତଥ୍ୟ ଅନୁଯାୟୀ ପୋଲାଭରମ ପ୍ରକଳ୍ପ ଦ୍ୱାରା ଆନ୍ଧ୍ରର ୨୭୬ ଗ୍ରାମ ଓଡ଼ିଶାର ୮ଟିଗ୍ରାମ ଆଉ ଛତିଶଗଡ଼ର ୪ଟି ଗ୍ରାମ ପ୍ରଭାବିତ ହେବ। ଏହା ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ । ଡ୍ୟାମ୍ ଦ୍ୱାରା ମାଲକାନଗିରି ଜିଲାର ଯଦି ୮ଟି ଗ୍ରାମ ପ୍ରଭାବିତ ହେବ ତେବେ ପୋଲାଭରମ ଡ୍ୟାମ୍ ନ ଥାଇ ୧୯୮୬ ଓ ୨୦୦୬ ବନ୍ୟାର ପଛୁଆ ଜଳ ଦ୍ୱାରା ମାଲକାନଗିରି ଜିଲାର ୪ଟି ବ୍ଲକ ପଡ଼ିଆ, କାଲିମେଲା, କୋରୁକୋଣ୍ଡା ଏବଂ ମାଥିଲି ବ୍ଲକର ୧୩୦ ଖଣ୍ଡ ଗ୍ରାମ ପ୍ରଭାବିତ ହେଲା କିପରି ବୋଲି ମଞ୍ଚ ପ୍ରଶ୍ନ ଉଠାଇଛି। ଗତ ବର୍ଷ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି ) ଆନ୍ଧ୍ର ସରକାରଙ୍କୁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ସହ ଆପୋସ ଆଲୋଚନା ମାଧ୍ୟମରେ ବିବାଦୀୟ ପୋଲାଭରମ ଡ୍ୟାମ୍‌ଜନିତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଆନ୍ଧ୍ର ମାନିନାହିଁ। ସମସ୍ତ ପ୍ରକାର ନୀତିନିୟମ ଉଲ୍ଲଂଘନ କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଉଛି। ସରକାର ପ୍ରଭାବିତ ହେବାକୁ ଥିବା ଗ୍ରାମଗୁଡ଼ିକର ପ୍ରକୃତ ତାଲିକା ତୁରନ୍ତ ପ୍ରକାଶ କରିବାକୁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ମଞ୍ଚ ସଭାପତି ପ୍ରଭାକର ହନ୍ତାଳ, ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମିଙ୍କ ସମେତ ମାଲାଭରମ,ମହାରାଜପାଲି, ମୋଟୁ, ପୁସୁଗୁଡା ପଞ୍ଚାୟତର ସରପଞ୍ଚ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ପୋଲାଭରମ ବିରୋଧୀ ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କର୍ମକର୍ତ୍ତାମାନେ ମୋଟୁ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

